ADFACTORS PR
Knowledge-driven communications

| | | | |
|---|---|---|---|
| Published Date: | 8 Sep 2018 | Publication: | Paryabekhyaka (Oriya) |
| Edition: | Bhubaneshwar | Page No: | 8 |
| MAV/CCM: | 61230/61.23 | Circulation: | 75000 |

# ବେଲପାହାଡ ଇଂରାଜୀ ବିଦ୍ୟାଳୟର ଟିଟିବି ପ୍ରଧାନ ଓ ବେଦାଂଶ ପ୍ରଧାନ ଟିସିଏସ୍ ଆଇଟି ୱିଜ୍ ୨୦୧୮ ଭୁବନେଶ୍ୱର ସଂସ୍କରଣର ବିଜେତା

ଭୁବନେଶ୍ୱର : ଅଗ୍ରଣୀ ଆଇଟି ସେବା, କନ୍‌ସଲ୍‌ଟିଂ ଓ ବ୍ୟବସାୟ ସମାଧାନ ପ୍ରଦାନକାରୀ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ ପକ୍ଷରୁ ଭାରତର ସର୍ବବୃହତ ଆ'ଃ ବିଦ୍ୟାଳୟ କୁଇଜ୍-ଟିସିଏସ୍ ଆଇଟି ୱିଜ୍‌କୁ ସେପ୍‌ଟେମ୍ବର ୭, ଶୁକ୍ରବାର, ଭୁବନେଶ୍ୱର ସ୍ଥିତ ଜୟଦେବ ବିହାରର ପାଲ୍ ହାଇଟସ୍ ଠାରେ ଆୟୋଜନ କରାଯାଇଛି, ଯେଉଁଥିରେ ଭୁବନେଶ୍ୱରର ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଟିସିଏସ୍ ଆଇଟି ୱିଜ୍‌ରେ ଭାଗ ନେବା ପାଇଁ ପୁରୀ, କଟକ, ପାରାଦୀପ, ରାଉରକେଲା, ଝାରସୁଗୁଡ଼ା, ଦାମନଯୋଡ଼ି, ଯାଜପୁର, ଗଂଜାମ ଓ ଜାମସେଦପୁର ଭଳି ବାହାର ସ୍ଥାନର ବିଦ୍ୟାଳୟର ଟିମ୍ ଭୁବନେଶ୍ୱର ଆସିଛନ୍ତି। ପ୍ରଯୁକ୍ତି ଦକ୍ଷତାର ସଶକ୍ତୀକରଣର ବର୍ଦ୍ଧିତ ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ, ବାର୍ଷିକ ଜ୍ଞାନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ଯାହା ୮-୧୨ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ମୁକ୍ତ ହୋଇଛି। ପ୍ରତି ବିଦ୍ୟାଳୟକୁ ଦୁଇ ସଦସ୍ୟ ବିଶିଷ୍ଟ ଏକାଧିକ ଟିମ୍ ପଠାଇବାକୁ




କୁହାଯାଇଛି। ଏଥିରେ କୌଣସି ପ୍ରବେଶ ଶୁଳ୍କ ନାହିଁ। ଚଳିତ ବର୍ଷର ଟିସିଏସ୍ ଆଇଟି ୱିଜ୍‌ରେ ଟେକ୍ ଟ୍ରେଣ୍ଡର ମିଶ୍ରଣ କରାଯାଇଛି ଓ ଗେମିଫିକେସନ୍ ପର୍ଯ୍ୟାୟରେ ତାହାକୁ ଉପସ୍ଥାପିତ କରାଯିବ। ଏହାକୁ ଆନିମେସନ୍ ସଫ୍ଟୱୟାର ଜରିଆରେ ବିକଶିତ କରାଯାଇଛି ଯାହା ଦର୍ଶକ ଓ ଟିମ୍‌କୁ ସେମାନଙ୍କ ସିଟ୍‌ରେ ବାନ୍ଧି ରଖିବ। ପାଂଚଟି ପର୍ଯ୍ୟାୟ ହେଉଛି-ମାସ୍ ପର୍ସନାଲାଇଜେସନ୍, ଲେଭରେଜିଂ ଇକୋସିଷ୍ଟମ୍ସ, କ୍ରିଏଟିଂ ଏକ୍ସପୋନେନ୍‌ସି ଆଲ୍ ଭାଲ୍ୟୁ ଓ ଏମ୍ବ୍ରାସିଂ ରିସ୍କ ଓ ଏହା ବ୍ୟତୀତ ଟିସିଏସ୍ ଆଟ୍ ୫୦ ନାମକ ଏକ ସ୍ୱତନ୍ତ୍ର ପର୍ଯ୍ୟାୟ ରହିବ। ସମଗ୍ର ବିଶ୍ୱରେ ଜବରଦସ୍ତ ଦ୍ୱରଣ ସୃଷ୍ଟି କରିଥିବା ପ୍ରଯୁକ୍ତି ଟ୍ରେଣ୍ଡ୍‌କୁ ଏହି କୁଇଜ୍ ମଂଚରେ ଦେଖିବାକୁ ମିଳିବ। ପ୍ରାରମ୍ଭିକ ଲିଖିତ ପର୍ଯ୍ୟାୟର ଶ୍ରେଷ୍ଠ ୬ ଟିମ୍ ଆଂଚଳିକ ପର୍ଯ୍ୟାୟରେ ଭାଗ ନେବାକୁ ଯୋଗ୍ୟତା ହାସଲ କରିବେ। ଆଂଚଳିକ ଫାଇନାଲ୍‌ରେ ପାଂଚ ପର୍ଯ୍ୟାୟ କୁଇଜ୍ ପରେ ବେଲପାହାଡ ଇଂରାଜୀ ବିଦ୍ୟାଳୟର ଟିଟିବି ପ୍ରଧାନ ଓ ବେଦାଂଶ ପ୍ରଧାନ ଟାଇଟଲ୍ ବିଜୟୀ ହୋଇଛନ୍ତି। ଚଳିତ ବର୍ଷର ଆଂଚଳିକ ଫାଇନାଲ୍ ବିଜେତାଙ୍କୁ ୬୦,୦୦୦ ଟଙ୍କାର ଗିଫ୍‌ଟ ଭାଉଚର୍ ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ୍ ଭାବେ ସ୍ୱସ୍ତିକ ଦାସ ଓ ପ୍ରିୟାଂଶୁ ମିଶ୍ର, ସାଇ ଇଣ୍ଟରନେସନାଲ ବିଦ୍ୟାଳୟ, ପଟିଆ, ୪୦,୦୦୦ ଟଙ୍କାର ଗିଫ୍‌ଟ ଭାଉଚର୍ ପୁରସ୍କାର ପାଇଛନ୍ତି। ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ଟ୍ରଫି ଓ ମେଡାଲ୍ ଉଭୟ ଦଳର ବିଜେତାଙ୍କୁ ପ୍ରଦାନ କରାଯାଇଛି। ୬ ଫାଇନାଲିଷ୍ଟଙ୍କୁ ବିଭିନ୍ନ ପ୍ରକାର ପୁରସ୍କାର ଯଥା ଜିମ୍ ବ୍ୟାଗ, ମଲ୍‌ଟି ଫଙ୍କସନ୍ ମ୍ୟୁଜିକ୍ ଟର୍ଚ୍ଚ ସହିତ ବ୍ଲୁ ଟୁଥ ସ୍ପିକର୍ ଓ ଓୟାରଲେସ୍ ଆଉଟ୍‌ଡୋର୍ ସ୍ପିକର୍ ସହିତ ଟିସିଏସ୍ ୫୦ ପେନ୍ ଡ୍ରାଇଭ୍ ଟିସିଏସ୍ ପକ୍ଷରୁ ପ୍ରଦାନ କରାଯାଇଛି। ବିଜେତମାନେ ଜାତୀୟ ଫାଇନାଲ୍‌ରେ ସାରା ଭାରତର ଅନ୍ୟ ୧୧ଟି ଆଂଚଳିକ ଋମ୍ପିଆନ୍ ସହିତ ଭୁବନେଶ୍ୱରର ପ୍ରତିନିଧିତ୍ୱ କରିବେ। ସମ୍ମାନିତ ଅତିଥି ଶ୍ରୀ ମାନସ ରଂଜନ ପଣ୍ଡା, ନିର୍ଦ୍ଦେଶକ-ସଫଟ୍‌ୱୟାର ଟେକ୍‌ନୋଲୋଜି ପାର୍କ ଅଫ ଇଣ୍ଡିଆ (ଏସ୍‌ଟିପିଆଇ), ଭୁବନେଶ୍ୱର ଓ ଶ୍ରୀଯୁକ୍ତ ମନୋଜ କୁମାର ପଣ୍ଡା, ଟିସିଏସ୍ ସେଂଟର୍ ମୁଖ୍ୟ, ଓଡ଼ିଶା ଓ ଶ୍ରୀଯୁକ୍ତ ଦାମୋଦର ପାଢ଼ୀ, ଉପସଭାପତି ଓ ଗ୍ଲୋବାଲ୍ ହେଡ୍ ଟ୍ୟାଲେଂଟ୍ ଡେଭେଲପ୍‌ମେଂଟ୍-ଟିସିଏସ୍ ପୁରସ୍କାରଗୁଡ଼ିକୁ ପ୍ରଦାନ କରିଛନ୍ତି। ସାରା ଭାରତର ୧୨ଟି ସହର-ଅହମ୍ମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, କୋଲକାତା, ଇନ୍ଦୋର, ନାଗପୁର, ଭୁବନେଶ୍ୱର, କୋଚି, ଦିଲ୍ଲୀ, ମୁମ୍ବାଇ ଓ ପୁନେରେ ଟିସିଏସ୍ ଆଇଟି ୱିଜ୍ ୨୦୧୮ ଆୟୋଜନ କରାଯାଇଛି।